# ଅକ୍ଷୟତୃତୀୟାରେ ଅନୁକୂଳ ହେଲା ରଥକାଠ

## ରଥଯାତ୍ରା ପାଇଁ ଆରମ୍ଭ ହେଲା ପ୍ରସ୍ତୁତି

ରାୟଗଡ଼ା/ ଗୁଣପୁର,୨୦।୪
(ଆଶିଷ ରଞ୍ଜନ ପଣ୍ଡା/ ସଂକେତ ପାତ୍ର)

ଅକ୍ଷୟତୃତୀୟା ଅବସରରେ ରାୟଗଡ଼ା ସହର ଶ୍ରଦ୍ଧାଶ୍ରୀକ୍ଷେତ୍ରଠାରେ ରଥ କାଠ ଅନୁକୂଳ ହୋଇଛି। ଏହାସହିତ ଜିଲାର ସମସ୍ତ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ କରାଯାଇଛି। ଶ୍ରଦ୍ଧା ଶ୍ରୀକ୍ଷେତ୍ର ରଥଖଳାରେ ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ ପୂଜାର୍ଚ୍ଚନା କରି ରଥକାଠ ଅନୁକୂଳ କରିଥିଲେ। ଉଦୟ ତିଥି ହୋଇଥିବା ଯୋଗୁ ସକାଳୁ ହିଁ ସମସ୍ତ ପୂଜା ଶେଷକରି ରଥକାଠ ଅନୁକୂଳ ହୋଇଛି। ଏହି ସମୟରେ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ରାଜସ୍ୱ ନିରୀକ୍ଷକ ଅଶୋକ ନାୟକ, ରାଜସ୍ୱ ସୁପରଭାଇଜର ଦେବୀ ପ୍ରସାଦ ମଲିକଙ୍କ ସମେତ ମନ୍ଦିର ପୂଜକ ପ୍ରଭାକର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ପାଇକପଡା, କାଶୀପୁର, ଜେକେପୁର, ବିଷମକଟକ, କଲ୍ୟାଣସିଂହପୁର, ଦୁର୍ଗୀ, ଗୁମୁଡାଠାରେ ମଧ୍ୟ ରଥକାଠ ଅନୁକୂଳ ହୋଇଛି।


ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ କରାଯାଉଛି ।


ଗୁଣପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି ।

ସେହିପରି ଗୁଣପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପାରମ୍ପରିକ ଭାବେ ରଥ କାଠ ଅନୁକୂଳ କରାଯାଇଛି। କାର୍ଯ୍ୟକ୍ରମରେ ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ସୁପରଭାଇଜର ସରୋଜ କୁମାର ନିମାଲପୁରୀ ଓ ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁଧର ବେହେରାଙ୍କ ସହିତ ଦେବୋତ୍ତର ବିଭାଗର ଆର.ଆଇ. ମଧ୍ୟ ଉପସ୍ଥିତ ରହିଥିଲେ। ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସହ ବରିଷ୍ଠ ସଦସ୍ୟ ଅକ୍ଷୟ ଦାସ ଓ ମହାରଣା ଗଙ୍ଗାରାଜୁ ଶବର ଏବଂ ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିଥିଲେ। ପୂଜାକାର୍ଯ୍ୟ ବ୍ରହ୍ମଶ୍ରୀ ଗୁପ୍ତେଶ୍ୱର ରଥ ଶର୍ମାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିଲା।

# କାଜୁ ବାଡ଼ରୁ ୱାର୍ଡମେମ୍ବରଙ୍କ ମୃତଦେହ ଜବତ

ଗୁଣୁପୁର, ୨୦।୪ (ସଂକେତ ପାତ୍ର)

ରାୟଗଡା ଜିଲା ପୁଟାସିଂ ଥାନା ଅନ୍ତର୍ଗତ କୁଲୁସିଂ ପଞ୍ଚାୟତର ଏକ୍ତିଆଲ କାଜୁ ବାଡ଼ରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ପୋଲିସ ଜବତ କରିଛି। ମୃତକ ହେଲେ ଖାଡାସି ଗ୍ରାମର ଜିୟୁଶୟ ଶବର (୩୪)। ଜିୟୁଶୟ ସେହି ଗ୍ରାମର ୱାର୍ଡମେମ୍ବର ଥିବା ସୂଚନା ମିଳିଛି। ପୁଟାସିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଗୁଣୁପୁର ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଟାସିଂ ଥାନା ଅଧିକାରୀ ବିଦ୍ୟୁଲତା ନାୟକ କହିଛନ୍ତି। ଏଏସଆଇ ମାଧବ ମାଡଗାମି ଘଟଣାର ଅଧିକ ତଦନ୍ତ କରୁଛନ୍ତି।

# ରାଇଜିଂ ଷ୍ଟାରକୁ ହରାଇ ଡ୍ରିମ୍‌ୱାରିୟର ଦଳ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## କାଶୀପୁର ପ୍ରିମିୟର୍ ଲିଗ୍ ୫.୦ ଉଦ୍‌ଯାପିତ

ଟିକିରି,୨୦।୪ ( ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକର କଲେଜ ପଡିଆରେ ଚାଲିଥିବା କାଶୀପୁର ପ୍ରିମିୟର୍ ଲିଗ ୫.୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଡ୍ରିମ୍‌ୱାରିୟର ଓ ରାଇଜିଂ ଷ୍ଟାର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟାର ଦଳକୁ ହରାଇ ଡ୍ରିମ୍‌ୱାରିୟର ଦଳ ୧୧୦ ରନରେ ଚାମ୍ପିୟନ ହୋଇଛି। ଏହି ଅବସରରେ ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେପିଏଲ୍ ଅଧ୍ୟକ୍ଷ ସୀତାରାମ ସାହୁ, ଉପାଧ୍ୟକ୍ଷ ଦିଲୀପ ନାଏକ, ସମ୍ପାଦକ ସନ୍ତୋଷ ଗୌଡଙ୍କ ସହ ୮ଟି ଦଳର ମାଲିକମାନେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚକୁ କିର୍ତ୍ତେଶ୍ୱର ନାଏକ ଏବଂ ଅମିତ କୁମାର ବୈଦ୍ୟ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଅବସରରେ କେପିଏଲରେ ଭାଗ ନେଇଥିବା ୮ଟି ଦଳ ସହ ସମସ୍ତ ମାଲିକ, ଟିମ ଅଧିନାୟକ, ସମସ୍ତ ଖେଳାଳି ଉପସ୍ଥିତ ଥିଲେ। ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ପ୍ରତି ବର୍ଷ କାଶୀପୁରରେ କ୍ରିକେଟ ଖେଳର ଆୟୋଜନ କରାଯାଉଥିବା କେପିଏଲ ପରିଚାଳନା କମିଟି ତରଫରୁ କୁହାଯାଇଥିଲା।

# ଆଦିବାସୀ ସମାଜ କମିଟି ଗଠନ ନେଇ ବୈଠକ



ବୈଠକରେ ଅଦିବାସୀ ସମାଜର କର୍ମକର୍ତ୍ତା ।

ଚନ୍ଦ୍ରପୁର,୨୦।୪ (ବିଜୟ ପ୍ରସାଦ ଉଲାକା)

ଅକ୍ଷୟ ତୃତୀୟା ଅବସରରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ଗ୍ରାମ ପଞ୍ଚାୟତର ଆଦିବାସୀ ସମାଜ କମିଟି ଚୟନ ପାଇଁ ଏକ ବୈଠକ କେରେଞ୍ଜା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର ସାଧାରଣ ସମ୍ପାଦକ ଟିବୁ ସାରାକା, ସମ୍ମାନୀତ ଅତିଥି ଭାବେ ଦକ୍ଷିଣ ଅଞ୍ଚଳ ଓଡ଼ିଶା ଆଇଟି ସେଲ୍ ମୁଖ୍ୟ ବିଜୟ କୁମାର ମେଲାକା ଉପସ୍ଥିତ ରହିଥିଲେ। ଚନ୍ଦ୍ରପୁର ବ୍ଲକ ଆଦୀବାସୀ ସମାଜର ସଭାପତି ଧରଣୀ ସାରାକା, ସମ୍ପାଦକ ନୁନିଙ୍ଗା ବ୍ରେକବେଡା, ସାଙ୍ଗଠନିକ ସମ୍ପାଦକ ବିଜୟ ପ୍ରସାଦ ଉଲ୍ଲାକା, କୋଷାଧ୍ୟକ୍ଷ ଧାନୁମାଝି କୁମ୍ଭକା, ମିଡ଼ିଆ ଓ ପବ୍ଲିକସିଟ କେଶବ ସାରକା, ଉପଦେଷ୍ଟା ସନ୍ୟାସୀ ପ୍ରାସ୍କା ମଧ୍ୟ ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥି ସତ୍ୟନାରାୟଣ ପ୍ରଟିକା, ସୁନାମଣି ପ୍ରଟିକା ମଧ୍ୟ ଉପସ୍ଥିତ ଥିଲେ । ଆଦିବାସୀଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଡାଙ୍ଗସୋରଡ଼ା ଆଦିବାସୀ ସମାଜ କମିଟିରେ ସଭାପତି ଭାବେ ଦୟାନିଧି ସାରାକା, ଉପ ସଭାପତି ଭାବେ ଗୋଲାପି ମାଝୀ, ରାମ ଚନ୍ଦ୍ର ଡୁଡୁକା, ଯୋଗିରାମ ଦିବାକା, ସାଧାରଣ ସମ୍ପାଦକ ଭାବେ ତ୍ରିନାଥ ମୁଣ୍ଡିକା , ଯୁଗ୍ମ ସମ୍ପାଦକ ବାବୁଲା ଦିବାକା, କୋଷାଧ୍ୟକ୍ଷ ଭାବେ ବିନୋଦ ମୁଣ୍ଡିକାଙ୍କୁ ଚୟନ କରାଯାଇଥିଲା। ଉକ୍ତ ବୈଠକରେ ୧୭ ଜଣ କମିଟି ସଦସ୍ୟ ଚୟନ କରାଯାଇଥିଲା। ଦାୟିତ୍ୱ ପାଇଥିବା ସଦସ୍ୟ ଓ ସଦସ୍ୟା କାର୍ଯ୍ୟ ତୁଲାଇବା ପାଇଁ ଶପଥ ପାଠ କରିଥିଲେ। ବୈଠକରେ ପଞ୍ଚାୟତର ପ୍ରତ୍ୟେକ ଗାଁର ୮୦ ଜଣ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଅଖିମୁଠି ଅନୁକୂଳ କଲେ ଏସ୍‌ଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷା

## ଜିଲାସ୍ତରୀୟ କୃଷକ ଦିବସ

ରାୟଗଡ଼ା/କଲ୍ୟାଣସିଂହପୁର, ୨୦।୪
(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତରେ ଥିବା ସରକାରୀ କୃଷି ଫାର୍ମ ବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ସୋମବାର ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ଅକ୍ଷୟତୃତୀୟା ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକ୍କା ଯୋଗଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ବନମାଳୀ କାଡ୍ରାକା, କଲ୍ୟାଣସିଂହପୁର କୃଷକ ମୋର୍ଚ୍ଚା ସଭାପତି ଗଙ୍ଗାରାଓ ପ୍ରାସ୍କା, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.କେ. ଇହେସାର ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦଘାଟନ ଥିଲେ।

ପ୍ରଥମେ ପୂଜକଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ଭୂମି ପୂଜନ କରାଯିବା ପରେ ଅତିଥି କୃଷି ଫାର୍ମର ଜମିରେ ହଳ ବୁଲାଇ ବିହନ ବୁଣିଥିଲେ। ଏହାପରେ କୃଷି ଓ ସୂଚନା କେନ୍ଦ୍ର ନିକଟରେ ଥିବା କଲ୍ୟାଣମଣ୍ଡପରେ ବୈଠକ ଅନୁଷ୍ଠିତ ହୋଇଥିଲା। ଭୂମି ପୂଜନ କରି କ୍ଷେତରେ ବିହନ ବୁଣାଯାଇଥାଏ । ପରେ ସେଥିରୁ ଅମଳ ହୋଇଥିବା ଧାନକୁ କୁଟି ଚାଉଳ ବାହାର କରିବା ପରେ ଖେଚୁଡି, ଖିରି କରି ବନ୍ଧୁବାନ୍ଧବ ସହ ମିଶି ଖିଆଯାଏ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା କହିଛନ୍ତି। ଜିଲା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, କୃଷି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର, କଲ୍ୟାଣସିଂହପୁର କୃଷି ଅଧିକାରୀ ସୁଜିତ ପାଢ଼ୀ, ଜିଲାର ସମସ୍ତ କୃଷି ଅଧିଦର୍ଶକ, କିଛି ଚାଷୀଙ୍କ ସମେତ ଏମ୍‌ପି ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା, ଭାଜପା ମାଝୀଗୁଡା ମଣ୍ଡଳ ସଭାପତି ଅନିଲ କୁମାର ଜାଡିଙ୍କ ସହ କଂଗ୍ରେସ ଓ ଭାଜପାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ଏସ୍‌ଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷା ଜମିରେ ହଳ କରି ଅଖିମୁଠି ଅନୁକୂଳ କରୁଛନ୍ତି ।

# ଅଟୋ ସଂଘ, ସ୍ୱର୍ଗରଥ ପକ୍ଷରୁ ପଣା, ଅନ୍ନପ୍ରସାଦ ବଣ୍ଟନ

ଗୁଣପୁର, ୨୦।୪ (ସଂକେତ ପାତ୍ର)

ଗୁଣପୁର ଅଟୋ ସଂଘ ଓ ସ୍ୱର୍ଗରଥ ପକ୍ଷରୁ ପଣା ସଂକ୍ରାନ୍ତିଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ପ୍ରତିଦିନ ପଥିକଙ୍କୁ ପଣା,ପାଣି ଓ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଗୁଣପୁର ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଅଟୋ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ପଣା, ଦହି ଚୁଡା, ମାଣ୍ଡିଆ ଯାଉ ଇତ୍ୟାଦି ବଣ୍ଟନ କରାଯାଇଥିଲା। ସେହିପରି ସ୍ୱର୍ଗରଥ ପକ୍ଷରୁ ଗୁଣପୁର ବାଇପାସ୍ ରୋଡରେ ପଣା ବଣ୍ଟନ କରାଯାଇଥିଲା। ଅଟୋ ସଂଘର ସେବା କାର୍ଯ୍ୟକ୍ରମର ଶେଷ ଦିନ ଅକ୍ଷୟ ତୃତୀୟା ଅବସରରେ ପ୍ରାୟ ୨୦୦୦ ଲୋକଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଆଇନଜୀବୀ ଅକ୍ଷୟ ଶତପଥୀ ଓ ଅଟୋ ସଂଘର ସଭାପତି ଗୁପ୍ତପ୍ରସାଦ ବାଉରୀ ଉପସ୍ଥିତ ଥିଲେ।

# ଶେଫାଳି ପାହାଡ଼ରେ ଗଣେଶ ମନ୍ଦିର ପ୍ରତିଷ୍ଠା

ଗୁଣପୁର,୨୦।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସେଫାଳି ପାହାଡ଼ସ୍ଥିତ ରାମେଶ୍ୱର ମନ୍ଦିର ପାର୍ଶ୍ୱରେ ଏକ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ସମସ୍ତ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ହେବା ସହ ନାମଯଜ୍ଞ ହୋଇଥିଲା । ପୂଜକ ଭାବେ ପ୍ରକାଶ ରଥ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ରାମେଶ୍ୱର ମନ୍ଦିର ପୂଜା କମିଟିର ସଭାପତି, ସମ୍ପାଦକ, ସମସ୍ତ ସଦସ୍ୟ ଓ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପୂଜା କାର୍ଯ୍ୟ ଚାଲିଛି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ପାରଳାଖେମୁଣ୍ଡି,୨୦।୪(ଗିରିଧାରୀ ପରିଚ୍ଛା):

ଜଣେ ମାନସିକ ଅନଗ୍ରସର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଭଳି ଏକ ସମ୍ବେଦନଶୀଳ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଗଜପତି ଜିଲାର ଅତିରିକ୍ତ ଜିଲା ସେସନ ଜଜ୍ ବିଭୂ ପ୍ରସାଦ ପଣ୍ଡା ଏହି ମାମଲାର ଅଭିଯୁକ୍ତ ମୋହନା ଥାନା ଅନ୍ତର୍ଗତ ମୁଡୁମୁ ଗ୍ରାମର ପ୍ରଭାତ ଘଡ଼େଇ (୪୮)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ରାୟରେ ଉଲ୍ଲେଖ କରଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍. ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୨୨ ଜୁଲାଇ ୧୯ ତାରିଖ ସକାଳେ ମାନସିକ ଅନଗ୍ରସର ନାବାଳିକା (୧୪) ଜଣଙ୍କ ସବୁଦିନ ଭଳି ପଡ଼ିଶା ଘରେ ଟିଭି ଦେଖିବା ପରେ ବାରଣ୍ଡାରେ ବସିଥିଲେ। ସେ ସମୟରେ ସାମ୍ନା ଘରେ ରହୁଥିବା ପ୍ରଭାତ କୌଣସି ବାହାନା କରି ନାବାଳିକାଙ୍କୁ ନିଜ ଘରକୁ ଡାକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ମୋହନା ଥାନାରେ ନଂ.୧୩୨/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପ୍ରଭାତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୧୦ଜଣ ସାକ୍ଷୀଙ୍କ ବୟାନ ପୋଲିସର ଚାର୍ଜଶିଟକୁ ଆଧାର କରି ଜଜ୍ ରାୟ ଶୁଣାଇଛନ୍ତି।

# ଅଟୋ-ବାଇକ୍ ଧକ୍କା: ଅଜା ମୃତ, ନାତି ଗୁରୁତର

ଭଞ୍ଜନଗର,୨୦।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଗାଲେରି ଗ୍ରାମ ପୂର୍ବରୁ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗାଲେରିର ଚିତ୍ରସେନ ନାଇକ। ତାଙ୍କ ନାତି ରାଜା ନାଇକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ହସ୍ପିଟାଲରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୋମବାର ମଧ୍ୟାହ୍ନରେ ଚିତ୍ରସେନ ଓ ତାଙ୍କ ନାତି ରାଜା ଏକ ବାଇକ୍‌ରେ ଭଞ୍ଜନଗର ଅଭିମୁଖେ ଆସୁଥିଲେ। ଗାଲେରି ମଦ ଦୋକାନ ନିକଟ ରାସ୍ତାରେ ଥିବା ଏକ ଖାଲକୁ କାଟି ରାଜା ବାଇକ୍‌କୁ ମଝିରେ ନେବାପାଇଁ ଉଦ୍ୟମ କରିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ଧକ୍କା ହୋଇଥିଲେ। ଫଳରେ ଅଜାନାତି ବାଇକ୍‌ରୁ ଛିଟିକି ଗୁରୁତର ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲେ ମଧ୍ୟ ଅଜା ଚିତ୍ରସେନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାସ୍ତା ଖରାପ ଯୋଗୁ ଏହି ଦୁର୍ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଉକ୍ତ ରାସ୍ତା ନିର୍ମାଣର ୨ ବର୍ଷ ନ ହେଉଣୁ ଅନେକ ସ୍ଥାନରେ ଖାଲଖମା ହୋଇଗଲାଣି। ଠିକାଦାର ଚୁକ୍ତି ଅନୁସାରେ ନିୟମିତ ମରାମତି କରୁନାହାନ୍ତି।

# ଆୟୁଷା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଖେଳିବେ


ଆୟୁଷା ମିଶ୍ର।

ଗୁଡାରି,୨୦।୪ (ପ୍ରମୋଦ କୁମାର ପତି )

ରାୟଗଡା ଜିଲା ଗୁଡାରି ସହର ପାଇକ ସାହିର ୧୪ ବର୍ଷୀୟା ଝିଅ ଆୟୁଷା ମିଶ୍ର ଗଞ୍ଜାମ ଜିଲା ପାଇଁ ଓସିଏ ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ-୨୦୨୬ ରେ ଖେଳିବାର ସୁଯୋଗ ପାଇଛନ୍ତି। କଟକରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନର ଚୟନ କମିଟି ପକ୍ଷରୁ ଘୋଷଣା ହୋଇଥିବା ୧୫ ଜଣିଆ ଟିମ୍‌ରେ ଆୟୁଷା ସ୍ଥାନ ପାଇଛନ୍ତି। ଆୟୁଷା ବର୍ତ୍ତମାନ ବ୍ରହ୍ମପୁରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି । ତାଙ୍କ ପିତା ମଧ୍ୟ ବ୍ରହ୍ମପୁରରେ ପୋଲିସ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସେ ବାମ ହାତୀ ବ୍ୟାଟ୍ସମ୍ୟାନ ଏବଂ ଜିଲାର ଜଣେ ଜଣାଶୁଣା ଓଡିଶୀ ନୃତ୍ୟଶିଳ୍ପୀ। ଭୁବନେଶ୍ୱରରେ ସେ ଓଡିଶୀ ନୃତ୍ୟ କଳା ପ୍ରଦର୍ଶନ କରି ପ୍ରଖ୍ୟାତ ଓଡିଶୀ ନୃତ୍ୟଗୁରୁଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ସେ ବ୍ରହ୍ମପୁରରେ କୋଚିଂ ନେଉଥିବା ତାଙ୍କ ପିତା ମିନତ ମିଶ୍ର ସୂଚନା ଦେଇଛନ୍ତି । ଓସିଏ ପକ୍ଷରୁ ପ୍ରକାଶିତ ହୋଇଥିବା ୧୫ ଜଣିଆ ତାଲିକାରେ ତାଙ୍କ ଝିଅର ନାମ ଥିବାରୁ ସେ ବହୁତ ଖୁସି ଥିବା କହିଛନ୍ତି। ମିନତ ମଧ୍ୟ ଜଣେ କ୍ରିକେଟ ଖେଳାଳି ଭାବେ ରାୟଗଡା ଜିଲାରେ ଖୁବ ଜଣାଶୁଣା ଏବଂ ସେ ଗଜପତି ଜିଲା କ୍ରିକେଟ ପାଇଁ ପୂର୍ବରୁ ଖେଳିବାର ସୁଯୋଗ ପାଇଥିଲେ। ଏହି ଖବର ପ୍ରସାରିତ ପରେ ଆୟୁଷାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଭଲ ଅମଳ ପାଇଁ ଲକ୍ଷ୍ମୀଙ୍କୁ ଆବାହନ କରି ମୁଠି ଅନୁକୂଳ କରାଯାଏ

## ଜିଆଇଇଟିରେ ଅକ୍ଷୟତୃତୀୟା ପର୍ବ

ଗୁଣପୁର,୨୦।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କୃଷି ମହାବିଦ୍ୟାଳୟର କୃଷି ପ୍ରଦର୍ଶନ କ୍ଷେତ୍ରରେ ସୋମବାର କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ପାଳିତ ହୋଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ କୃଷି ମହାବିଦ୍ୟାଳୟର ସହକାରୀ ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର ମାତା ଲକ୍ଷ୍ମୀଙ୍କୁ ପୂଜା ମାଧ୍ୟମରେ ଆବାହନ କରିଥିଲେ। ତାପରେ ବିହନ ବୁଣିବା କାର୍ଯ୍ୟର ଅନୁକୂଳ କରାଯାଇଥିଲା। ଏହି ଅବସରରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଶେଷ ବର୍ଷର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅକ୍ଷୟ ତୃତୀୟାର ମହତ୍ୱ କୃଷି ସହ କିପରି ଜଡ଼ିତ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା । ଆଗାମୀ ମୌସୁମୀ ଋତୁରେ ଭଲ ଅମଳ ପାଇଁ ମାତା ଲକ୍ଷ୍ମୀଙ୍କୁ କୃଷକ ଭାଇମାନେ ପୂଜା କରି ମୁଠି ଅନୁକୂଳ କରିଥାନ୍ତି ବୋଲି ଅତିଥିମାନେ କହିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ଉପ କୁଳପତି ଡ. ଏଭିଏନ୍‌ଏଲ ଶର୍ମା ଏବଂ ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ ଆଗାମୀ ଋତୁରେ ଅଧିକରୁ ଅଧିକ ଅମଳ ହେବା ପାଇଁ କାମନା କରିଥିଲେ।


ଅକ୍ଷୟତୃତୀୟା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

ସେହିପରି ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ରଠାରେ ମଧ୍ୟ ଅକ୍ଷୟ ତୃତୀୟା ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ଏଥିରେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ଅଖିମୁଠି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡିଶାର ୫୦,୦୦୦୦୦ ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଁଏ ସହାୟତା ରାଶି ପ୍ରଦାନ କରିଥିବା ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ କହିଥିଲେ । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଶିରିଡ଼ି ସାଇ ବାବାଙ୍କ ବାର୍ଷିକ ଉତ୍ସବ**

ସୁନାବେଡା,(କୃତ୍ତିବାସ ପ୍ରଧାନ)- ହାଲ ସହରାଞ୍ଚଳ ବି ଜୋନସ୍ଥିତ ଶିରିଡ଼ି ସାଇବାବା ମନ୍ଦିରର ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ସକାଳୁ ସାଇବାବାଙ୍କ କାକଡ଼ ଆରତି ସରିବା ପରେ ନୀତିକାନ୍ତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ମଧ୍ୟାହ୍ନ ଆରତି , ଅପରାହ୍ନ ୩ଟାରେ ହୋମ ଯଜ୍ଞ ପରେ ପୂର୍ଣ୍ଣାହୁତି ହୋଇଥିଲା । ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆରତି ସାରିବା ପରେ ସାଇବାବାଙ୍କ ପ୍ରତିମାକୁ ଏକ ସୁସଜ୍ଜିତ ପାଲିଙ୍କି ଯାତ୍ରାରେ ବାହାରି ନଗର ପରିକ୍ରମା କରାଯାଇଥିଲା। ମନ୍ଦିର ପୂଜକ ଦେବାଶିଷ ଦାସ ଓ ଲିଙ୍ଗରାଜ ପାଣିଗ୍ରାହୀ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇ ଥିଲେ। ସାଇ ସେବା ପରିବାର ସହଯୋଗ କରିଥିଲେ ।

## ସଂକ୍ଷେପରେ

### ବଜ୍ରପାତରେ ୫ ମଇଁଷି ମୃତ



କୋଡ଼ିଙ୍ଗା, ୨୦।୪ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ପଞ୍ଚାୟତର ନୂଆଁଗୁଡ଼ା ଗ୍ରାମରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ଏବଂ ଘଡ଼ଘଡ଼ି ହୋଇଥିଲା। ଏହି ସମୟରେ ବଜ୍ରପାତ ଘଟିବାରୁ ଚିତାରାମ ଭତ୍ରାଙ୍କ ୫ଟି ମଇଁଷି ମରିଯାଇଥିବା ଜଣାପଡ଼ିଛି। ଚିତାରାମଙ୍କ ଗୁହାଳରେ ୬ଟି ମଇଁଷି ବନ୍ଧାହୋଇଥିଲେ। ଗୁହାଳ ନିକଟରେ ଥିବା ଏକ ନୀଳଗିରି ଗଛକୁ ବଜ୍ରପାତ ମାରିବାରୁ ଏହାର ପ୍ରଭବରେ ଗୁହାଳରେ ଥିବା ୫ଟି ମଇଁଷିଙ୍କର ମୃତ୍ୟୁ ଘଟିଛି। ଖବରପାଇ କୋଷାଗୁମୁଡା ପ୍ରାଣୀ ଚିକିତ୍ସକ ସପନ ସାରିତ ସାହୁଙ୍କୁ ଅବଗତ କରାଯିବାରୁ ସୋମବାର ସକାଳେ ସେ ଆସି ମଇଁଷିଙ୍କ ବ୍ୟବଚ୍ଛେଦ କରିଥିଲେ। ଏହି ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି । ଉକ୍ତ ଚାଷୀଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଅଗ୍ନିଶମ ବାହିନୀ ସହ ନିଆଁ ଲିଭାଇଲେ ବିଧାୟକ

ନବରଙ୍ଗପୁର,୨୦।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ନିକଟସ୍ଥ ହିଲି ଡଙ୍ଗର ପାହାଡ଼ ତଳେ ଥିବା ଜଙ୍ଗଲରେ ହଠାତ ନିଆଁ ଲାଗି ବସ୍ତି ଅଭିମୁଖେ ଆସୁଥିଲା। ଖବରପାଇବା ପରେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ବିଧାୟକ ସାଥିରେ ଥିବା ନିଜ ସହଯୋଗୀଙ୍କ ସହ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଯାଇଥିଲେ। କିଛି ସମୟ ପରେ ଅଗ୍ନିଶମ ବାହିନୀ ଗାଡି ପହଞ୍ଚି ବିଧାୟକ ସହ ମିଶି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ ।

### ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ନବରଙ୍ଗପୁର,୨୦।୪(ସଦାଶିବ ପ୍ରହରାଜ)

ଜିଲା ପ୍ରଶାସନ ଏବଂ ଜିଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ନବରଙ୍ଗପୁର କଲେଜ ପଡ଼ିଆ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟ କଳାହାଣ୍ଡି ପଡ଼ିଆଠାରେ ଆରମ୍ଭ ହୋଇଛି । ଏହି ଅବସରରେ ପ୍ରାକ୍ତନ ସର୍ବଭାରତୀୟ ସନ୍ତୋଷ ଟ୍ରଫି ଖେଳାଳି ପ୍ରଶାନ୍ତ ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂଘ ଉପ ସଭାପତି ଏମ୍. ବାଲାକ୍ରିଷ୍ଣା ରାଓ ଏବଂ ବରିଷ୍ଠ କ୍ରୀଡ଼ାବିତ ଶୁଭେନ୍ଦୁ ବେହେରା ଯୋଗଦେଇ ଖେଳାଳିଙ୍କୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରିଥିଲେ। କ୍ରୀଡ଼ା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ ଗହଣ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ ଏବଂ ସଂଘର ବରିଷ୍ଟ ସଦସ୍ୟ ଶଶାଙ୍କ ଶେଖର ବେହେରା ପ୍ରମୁଖ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଭଲିବଲ, ଖୋଖୋ, କବାଡ଼ି ଏବଂ ଫୁଟ୍‌ବଲ ବିଭାଗରେ ଜିଲାର ଉଭୟ ବରିଷ୍ଠ ଏବଂ କନିଷ୍ଠ ବର୍ଗର ୧୦ଟି ବାଳକ ଏବଂ ୬ଟି ବାଳିକା ଦଳ ଭାଗ ନେଇଛନ୍ତି। କ୍ରୀଡ଼ା ଶିକ୍ଷକ କାଳିକିଙ୍କର ପଟ୍ଟନାୟକ, ସପନ ବୈରାଗୀ, କିଶୋର ସିଲ, ବିଭାଶିଷ ଦେ, ଜିଲା ମଙ୍ଗଳ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକମାନେ ଉକ୍ତ ଖେଳ ପରିଚାଳନା କରିଛନ୍ତି। ସୂଚନା ଅନୁଯାୟୀ, ଆସନ୍ତା ୨୩ ତାରିଖରେ ଏ ସମସ୍ତ ଖେଳ ଉଦ୍‌ଯାପନ ହେବା ଅବସରରେ କୃତୀ ଦଳକୁ ପୁରସ୍କାର ବିତରଣ କରାଯିବ।

# ଅଖିମୁଠି ଅନୁକୂଳ କଲେ ଗଣଶିକ୍ଷା ମନ୍ତ୍ରୀ, ବିଧାୟକ

ନବରଙ୍ଗପୁର,୨୦।୪(ସଦାଶିବ ପ୍ରହରାଜ)



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ , ବିଧାୟକ ଗୌରୀ ଶଙ୍କର ମାଝୀ ଅଖିମୁଠି ଅନୁକୂଳ କରୁଛନ୍ତି।

ଅକ୍ଷୟ ତୃତୀୟା ଅବସରରେ ସୋମବାର ସକାଳ ୯ଟାରେ ଜାନକୀନଗର ସିଆର୍‌ପିଏଫ୍ କାର୍ଯ୍ୟାଳୟ ରାସ୍ତା ପାର୍ଶ୍ୱ ଜମିରେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଓ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରିଥିଲେ। ଉଭୟ ଜମିରେ ଧାନ ବୁଣିବା ସହ ବଳଦ ସହାୟତାରେ ଜମିରେ ହଳ କରିଥିଲେ। ପରେ ପତାକା ଦେଖାଇ କୃଷି ସଚେତନତା ରଥର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ବେହେରା, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସୁବ୍ରତ ମହାନ୍ତି, କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବିଜ୍ଞାନୀ ଶଶାଙ୍କ ଲେଙ୍କା, ଡିଆଇପିଆର୍‌ଓ ମନୋଜ ବେହେରା, ନବରଙ୍ଗପୁର ଓ ଉମରକୋଟ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ, ଚାଷୀ,ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଚାଷୀଙ୍କୁ ୨୦୦୦ ଟଙ୍କା ସହାୟତା ରାଶି ବଣ୍ଟନର କାର୍ଯ୍ୟକ୍ରମ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରୁ ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଚାଷୀଙ୍କୁ କୃଷକ ଦିବସର

## ଅକ୍ଷୟ ତୃତୀୟା, ଜିଲାସ୍ତରୀୟ କୃଷକ ଦିବସ

ଶୁଭେଚ୍ଛା ଜଣାଇ ରାଜ୍ୟ ସରକାର ଚାଷୀର ଉନ୍ନତିରେ ରାଜ୍ୟର ଉନ୍ନତିରେ ବିଶ୍ୱାସ ରଖିଛନ୍ତି। ବିଭିନ୍ନ ଯୋଜନା ଦ୍ୱାରା ଚାଷୀଙ୍କୁ ସର୍ବଦା ସହାୟକ ହେଉଛନ୍ତି ବୋଲି କହିଥିଲେ। ଜିଲାପାଳ ମହେଶ୍ୱର ସ୍ୱାଇଁ ଚାଷୀଙ୍କୁ କେବଳ ଧାନ ଓ ମକାଚାଷ ନ କରି ବିବିଧ ଫସଲ କରିବା ସହ ଜମିରେ ଅତ୍ୟଧିକ ରାସାୟନିକ ସାର ବ୍ୟବହାରରୁ କ୍ଷାନ୍ତ ରହିବାକୁ କହିଥିଲେ। ନବରଙ୍ଗପୁର ଜିଲାର ୧ ଲକ୍ଷ ୩୦ ହଜାର ୪୦୨ ଜଣ ଚାଷୀଙ୍କ ଖାତାକୁ ସିଏମ୍ କିଷାନ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ୨୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସଭାରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।

# ୩୨ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି




ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

ପାପଡାହାଣ୍ଡି, ୨୦।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୯ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ରହିଥିଲା। ୩ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୩ଟି ହୁଇଲ ଚେୟାର ଓ ୧୨ ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ଅନ୍ତର୍ଗତ ସହାୟତା କାର୍ଡ ପ୍ରଦାନ କରାଯାଇଥିଲା।

# ଜିଲାର ୮୨୩୧୦ ଚାଷୀ ପାଇଲେ ଖରିଫ ଚାଷ ସହାୟତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହିତାଧିକାରୀ ।

ମାଲକାନଗିରି,୨୦।୪
(ଦୁର୍ଯ୍ୟୋଧନ ପାତ୍ର/ ଗୌରିଶଙ୍କର ପଣ୍ଡା)

## ମାଲକାନଗିରି ଜିଲାସ୍ତରୀୟ କୃଷକ ଦିବସ

ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରଠାରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ଜିଲା ମୁଖ୍ୟ କୃଷି ଅଧିକାରୀ ଅନିଲ ପ୍ରହରାଜ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୟାନିଧି ରାଉତଙ୍କ ସହ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦାୟକ ମାଡକାମି ପୂଜାରେ ଯୋଗ ଦେବା ସହିତ ଅଖିମୁଠି ଅନୁକୂଳ କରିଥିଲେ। ଜିଲାସ୍ତରୀୟ କୃଷକ ରଥ ଓ ବିହନ ରଥର ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ କୃଷକ ଦିବସ ଓ ସି.ଏମ୍. କିଷାନର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିତରଣର ସିଧା ପ୍ରସାରଣ କରାଯାଇଥିଲା। ରାଜ୍ୟସ୍ତରରେ ୪୨ ଲକ୍ଷ ଚାଷୀଙ୍କୁ ପ୍ରାୟ ୮୩୮କୋଟି ଟଙ୍କା ରାଶି ସେମାନଙ୍କ ଅକାଉଣ୍ଟକୁ ସହାୟତା ରାଶି ଛଡା ଯାଇଥିଲା। ଏହି ଅର୍ଥରାଶି ଚାଷୀମାନେ ଖରିଫ ଋତୁ ଚାଷପାଇଁ ଚାଷୀଙ୍କୁ ସହାୟକ ହୋଇପାରିବ ବୋଲି ବିଧାୟକ କହିଛନ୍ତି। ମାଲକାନଗିରି ଜିଲାର ୮୨୩୧୦ ଜଣ ଚାଷୀ ଖରିଫ ଚାଷ ପାଇଁ ଏହି ସହାୟତା ରାଶି ପାଇଛନ୍ତି।

# ସ୍ଥିତି ପରଖିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ ଘଟଣା

ଉମରକୋଟ, ୨୦।୪ (ସନ୍ତୋଷ ଶତପଥୀ)



ବିଜେଡି ଟିମ୍ ମୃତ ଛାତ୍ରଙ୍କ ବାପାଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଆଶ୍ରମ ସ୍କୁଲ ହଷ୍ଟେଲରୁ ଗତ ୧୬ ତାରିଖରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଛାତ୍ର ଆତ୍ମହତ୍ୟା କରିବା ଘଟଣାରେ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ବେଳେ, ଛାତ୍ରଙ୍କ ଆତ୍ମହତ୍ୟା ଘଟଣାର ତଥ୍ୟ ସଂଗ୍ରହ କରିବା ପାଇଁ ଜିଲା ବିଜେଡିର ଏକ ଟିମ୍ ସୋମବାର ଛାତ୍ରବାସରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ଅତ୍ୟନ୍ତ ଖରାପ ଥିବାବେଳେ ପିଲାଙ୍କୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯିବା ସହ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ହଷ୍ଟେଲରେ ପିଲାଙ୍କୁ ଅଣ୍ଡା ବଦଳରେ ଅଙ୍ଗୁର ଦିଆଯାଉଥିବା ଛାତ୍ରମାନେ ଟିମ ନିକଟରେ ପ୍ରକାଶ କରିଛନ୍ତି। ଜିଲା ମଙ୍ଗଳ ବିଭାଗର ଏଭଳି ଅବହେଳା ଯୋଗୁ ଛାତ୍ରାବାସରେ ପିଲାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି ବୋଲି ବିଜେଡି ନେତା ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି । ବିଧାୟକ ତଥା ଜିଲା ବିଜେଡି ସଭାପତି ମନୋହର ରନ୍ଧାରୀ ମଧ୍ୟ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଜିଲାରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି । ଏହାସହ ଛାତ୍ର ଜଣକ କିଭଳି ଆତ୍ମହତ୍ୟା କଲେ ଏବଂ ସ୍କୁଲ କର୍ତ୍ତୃପକ୍ଷ କିଛି ଜାଣିପାରିଲେ ନାହିଁ । ଜିଲା ମଙ୍ଗଳ ଅଧିକାରୀ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ବଡ଼ ଆଶ୍ଚର୍ଯ୍ୟର କଥା ତେଣୁ ତାର ତଦନ୍ତ ପାଇଁ ପୂର୍ବତନ ଏମ୍‌ପି ରମେଶ ମାଝୀ କହିଛନ୍ତି ।

ପରେ ଏହି ଟିମ୍ ମୃତ ଛାତ୍ରଙ୍କ ଘର ବଡ଼କୁମାରୀକୁ ଯାଇ ପରିବାରକୁ ଭେଟି ସାନ୍ତ୍ୱନା ଜଣାଇଥିଲେ। ଏ ବିଜେଡି ଟିମ୍‌ରେ ଜିଲା ବିଜେଡି ସଭାପତି ମନୋହର ରନ୍ଧାରୀ, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଓ ପ୍ରଦୀପ ମାଝୀ, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ଜିଲା ପରିଷଦ ସଭାପତି ମୋତିରାମ ନାୟକ, ଉମରକୋଟ ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ରାଇଘର ବ୍ଲକ ପୂର୍ବତନ ଅଧ୍ୟକ୍ଷା ନବୀନା ନାୟକ, କାଜାମ ମାଦାନି, ଦେବୀ ସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ବିଜେଡି ୨୪ ବର୍ଷରେ ଯାହା କରି ନ ଥିଲା, ଆମେ ୨ ବର୍ଷରେ ଅନେକ ବିକାଶମୂଳକ କାର୍ଯ୍ୟ କରିଛୁ । ସେମାନଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟି ଗଲାଣି, ତେଣୁ ସେମାନେ ବର୍ତ୍ତମାନ ଏହିଭଳି କାର୍ଯ୍ୟ ସବୁ କରୁଛନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ଖରା ବଢିଯାଇଥିବାରୁ ପିଲାଙ୍କ ଦେହ ଖରପ ହେବା ଆଶଙ୍କା କରି ଡାକ୍ତରଙ୍କ ପରାମର୍ଶକ୍ରମେ ଅଣ୍ଡା ବଦଳରେ ଫଳ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଡାବୁଗାଁରେ ରଥକାଠ ଅନୁକୂଳ

ଡାବୁଗାଁ, ୨୦।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ ହୋଇଛି । ଏଥିରେ ମନ୍ଦିର ପୂଜକ ନବୀନ ପାଢୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ତଥା ତହସିଲଦାର ଗୀତା ମୁର୍ମୁ, ଉପସଭାପତି ଜି. ଭେଙ୍କେଟେଶର ରାଓ, ସମ୍ପାଦକ ଜି. ସାଇ ରାଜୁ, ସହ ସମ୍ପାଦକ ଭଗବାନ ମହାନ୍ତି, ବିଡିଓ ସମୀର ପାତ୍ର, ଆଇଆଇସି ରଘୁନାଥ ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

ଉମରକୋଟ,୨୦।୪
(ସନ୍ତୋଷ ଶତପଥୀ)

ଉମରକୋଟ ତହସିଲ କାର୍ଯ୍ୟାଳୟଠାରେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ୨୨୧ ଓ ଜଙ୍ଗଲ ଜମି ପଟ୍ଟା ଅଧିକାରରେ ୯୮ ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ଉମରକୋଟ ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ଉମରକୋଟ ତହସିଲଦାର ମେଗବାନ ବାଗ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ଭୂମିହୀନ ଗରିବଙ୍କୁ ପଟ୍ଟା ଦେବା ପାଇଁ ରାଜ୍ୟର ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ମିଳିବା ପରେ ଗରିବ ଲୋକଙ୍କୁ ପଟ୍ଟା ବଣ୍ଟନ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଏଥିସହ ସହରୀ ଲୋକଙ୍କ ପାଇଁ ମଧ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି । ଉମରକୋଟରେ ଭୂ ବନ୍ଦୋବସ୍ତ ବ୍ୟବସ୍ଥା ପାଇଁ ସରକାର ଯତ୍ନବାନ ଅଛନ୍ତି ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

# ଜୟଦେବ ଜୟନ୍ତୀ, ଅକ୍ଷୟତୃତୀୟା ଉତ୍ସବ

ନବରଙ୍ଗପୁର,୨୦।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଂସ୍କୃତି ଭବନ ପରିସରରେ ଅକ୍ଷୟତୃତୀୟା ଓ ଜୟଦେବ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ଏବଂ ବିଶିଷ୍ଟ କବି ତଥା ସହକାରୀ ଜିଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ଜୟଦେବଙ୍କ ସାରସ୍ୱତ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସ୍ୱାଗତ ଭାଷଣ ସହ ସଭା ଆୟୋଜନ ଓ ପରିଚାଳନା କରିଥିଲେ।

ଏହି ଅବସରରେ ଜିଲାର ବହୁ ବିଶିଷ୍ଟ ବକ୍ତା ଓ ସାରସ୍ୱତ ସାଧକ ନିରଞ୍ଜନ ମିଶ୍ର, ସଙ୍ଗୀତା ତ୍ରିପାଠୀ, ବିଜୟ ମିଶ୍ର, ବିଜୟ ଚୌଧୁରୀ, ଜେମାମଣି ବିଷୋୟୀ, ମନୋରମା ମାଝୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ମନୋଜ ପଟ୍ଟନାୟକ ଏବଂ ଜିଲା କଳା ସଂସ୍କୃତି ସଂଘର ଉପସଭାପତି କାର୍ତ୍ତିକ ଭତ୍ରା ପ୍ରମୁଖ ଯୋଗଦେଇ ମହାକବି ଜୟଦେବଙ୍କ ଜୀବନୀ, ତାଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ସମର୍ପଣ ଏବଂ ଜଗନ୍ନାଥ ସଂସ୍କୃତି ସହ ଗୀତଗୋବିନ୍ଦର ନିବିଡ଼ ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ମଦ ବିକ୍ରି ବନ୍ଦ ନେଇ ନାରୀ ମହାସଂଘର ଦାବିପତ୍ର

ପାପଡାହାଣ୍ଡି, ୨୦।୪
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ୍ ଅଞ୍ଚଳରେ ମଦ ବିକ୍ରି ବନ୍ଦ ଦାବିରେ ନାରୀ ମହାସଂଘ ପକ୍ଷରୁ ସୋମବାର ମହିଳାମାନେ ଏକାଠି ହୋଇଛନ୍ତି । ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ହାତରେ ଠେଙ୍ଗା ଧରି ଅଞ୍ଚଳରେ ଥିବା ଦେଶୀ ମଦ ଭାଟି ଏବଂ ବିଦେଶୀ ମଦ ବନ୍ଦ ସହିତ ବେଆଇନ ଭାବେ ବିକ୍ରି କରୁଥିବା ଲୋକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ମହିଳାମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ପାପଡାହାଣ୍ଡି ବିଡିଓ କପିଳଦେବ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଶାସନ ଯଦି କିଛି ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ନାରୀ ମହାସଂଘ ଏହାର ଉଚିତ ଜବାବ ଦେବ ବୋଲି ଚେତାଇ ଦେଇଛନ୍ତି। ସେହିପରି ନବରଙ୍ଗପୁର ଅବକାରୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ପାପଡାହାଣ୍ଡି ଅବକାରୀ ଏସ୍‌ଆଇ ସମୀର ସ୍ୱାଇଁଙ୍କୁ ଏବଂ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ପାପଡାହାଣ୍ଡି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଜିଲା ନାରୀ ମହାସଂଘର ଉପଦେଷ୍ଟା ରାଜେଶ ଜାନି, ଜିଲା ସଂଗଠକ ଦେବରାଜ ନାଗ, ଜିଲା ସମ୍ପାଦିକା ପାର୍ବତୀ ଧୁରୁଆ, ଜିଲା ଉପସଭାନେତ୍ରୀଙ୍କ ସହ ପାପଡାହାଣ୍ଡି, ପଣ୍ଡିକୋଟ, ସିରିସୀ, ପାତ୍ରୀ ପଞ୍ଚାୟତର ମହିଳାମାନେ ସାମିଲ ଥିଲେ।

# ତଦନ୍ତ ଦାବିକରି ରାସ୍ତାକୁ ଓହ୍ଲାଇଲେ ବସ୍ତିବାସିନ୍ଦା

ନବରଙ୍ଗପୁର,୨୦।୪(ସଦାଶିବ ପ୍ରହରାଜ)

ଦୀର୍ଘ ବର୍ଷ ଧରି ଜମିର ଖଜଣା ବାନ୍ଧି ବସ୍ତି ଗଢିଥିଲେ। ଜମି ଦଲାଲମାନେ ଚକ୍ରାନ୍ତ କରି ଉକ୍ତ ଜମିର ବ୍ୟକ୍ତିଗତ ପଟ୍ଟା କରିଦେଇଛନ୍ତି। ଏଭଳି ଅଭିଯୋଗ କରି ପୌରପାଳିକାର ୱାର୍ଡ ନଂ ୧୫ ତୋଟାସାହିର ଶତାଧିକ ମହିଳା ପୁରୁଷ ରାଜରାସ୍ତାକୁ ଓହ୍ଲାଇ ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରିଥିଲେ। ସାହିବାସିନ୍ଦା ଅଭିଯୋଗ କରିଛନ୍ତି, ଦୀର୍ଘ ୬୦ବର୍ଷ ଧରି ପ୍ଲଟନଂ ୧୫୪ ଓ ଖାତାନଂ ୪୫୧/୨୭୬୬ ସରକାରୀ ଜମି ଉପରେ ୫୪୭ ଗରିବ ପରିବାର ବସ୍ତି ଗଢି ଘର କରି ରହୁଥିଲେ। ଏଭଳି ଦୀର୍ଘ ବର୍ଷ ଧରି ଜମିର ଖଜଣା ବାନ୍ଧିଥିଲେ ମଧ୍ୟ ଜମି ପଟ୍ଟା ପ୍ରଦାନ କରିବାରେ ଅବହେଳା କରାଯାଇଛି। ଜମି ଦଲାଲ ଚକ୍ରାନ୍ତ କରି ୨୦୧୩-୧୪ରେ ଜମି ବନ୍ଦୋବସ୍ତ ସମୟରେ ଏହି ଜମିକୁ ଜୟପୁରର ରାମକୃଷ୍ଣ ଦେଓଙ୍କ ନାମରେ ଜମି ପଟ୍ଟା କରି ଦିଆଯାଇଛି। ଏହି ପ୍ଲଟ ମଧ୍ୟରେ ଜାଗା ମିଶନରେ ୧୩୩ ପରିବାରକୁ ଜମି ପଟ୍ଟା ଦିଆଯାଇଥିବା ବେଳେ ବଳକା ୫୪୭ଜଣ ପରିବାରକୁ ଜମି ପଟ୍ଟା ଦିଆଯାଇନି। ଏହି ବେଆଇନ ଜମି ହସ୍ତାନ୍ତରକୁ ନେଇ ବହୁବାର ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଏହି ଘଟଣାର ତଦନ୍ତ କରି ୫୪୭ଜଣ ଗରିବ ପରିବାରକୁ ଜମି ପଟ୍ଟା ପ୍ରଦାନ କରିବାକୁ ସାହି ବାସିନ୍ଦା ଚନ୍ଦ୍ରଶେଖର ସୌରା, ଡି.ପାପାରାଓ, ସତ୍ୟନାରାୟଣ ବେରକୁ, ମୀନତି ପରିଡା, ପୁଷ୍ପାଞ୍ଜଳୀ ଯଶବନ୍ତ, ବି. ଜୟଲକ୍ଷ୍ମୀ ପ୍ରମୁଖ ଦାବି କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ସାହି ବାସିନ୍ଦା ।

# ମିଳିତ ବିରୋଧୀ ଦଳର ଜନଗର୍ଜନ ସମାବେଶ

## ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା ପ୍ରତିବାଦ

ତେନ୍ତୁଲିଖୁଣ୍ଟ,୨୦।୪ (ଚିଦାନନ୍ଦ ସାହୁ)



ସମାବେଶରେ ବିଜେଡି, କଂଗ୍ରେସ ନେତା ଓ ଜନପ୍ରତିନିଧି।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାକୁ ଅଣଦେଖା ପ୍ରତିବାଦରେ ସରପଞ୍ଚ ଓ ସମିତି ସଭ୍ୟ ସଂଘ ନେତୃତ୍ୱରେ ମିଳିତ ବିରୋଧୀ ଦଳ ସମର୍ଥନରେ ସୋମବାର ଜନ ଗର୍ଜନ ସମାବେଶ ତେନ୍ତୁଲିଖୁଣ୍ଟି ମେଘମାଳ ତୋଟାଠାରେ ଆୟୋଜିତ ହୋଇଯାଇଛି। ବରିଷ୍ଠ ନେତା ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମେଘମାଳା ତୋଟାଠାରେ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ଜିଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ବାବୁଲା ନାୟକ, ବିଜେଡି ଯୁବ ନେତା ବାବୁନ ନାୟକ ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ, ମହିଳା କଂଗ୍ରେସ ନେତ୍ରୀ ପି ନାଗ ରତ୍ନାମା, ଆଦିବାସୀ ନେତା ଅଖିଳ ଭତ୍ରା, ସଦାଶିବ ଜାନୀ, ନରସିଂହ ହରିଜନ ପ୍ରମୁଖ ସାମିଲ ଥିଲେ।

ପଲ୍ଲି ସଭା, ଗ୍ରାମ ସଭାର ପ୍ରସ୍ତାବକୁ ଅଣଦେଖା ସହ ୭ଦଫା ସମ୍ବଳିତ ପୂରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ଶାସକ ଦଳର ନିର୍ଦ୍ଦେଶରେ ପରିଚାଳିତ ହେଉଛି ବୋଲି ଅଭିଯୋଗ ହୋଇଥିଲା। ସର୍ବନିମ୍ନ ସମସ୍ୟା ମଧ୍ୟ ସମାଧାନ କରିବାକୁ ଶାସକ ଦଳର ଇଙ୍ଗିତକୁ ଅପେକ୍ଷା କରାଯାଉଛି। ମଣ୍ଡିରେ ଚାଷୀଙ୍କ ପାଇଁ ଶୌଚ ତଥା ବିଶ୍ରାମ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଇପାରୁନାହିଁ। ବ୍ଲକ୍‌ର ଗଳି ଗଳିରେ ମଦ ବିକ୍ରି ହେଉଛି ବୋଲି ବିରୋଧୀ ଦଳର ନେତାମାନେ କହି ସରକାରଙ୍କ ଉପରେ ବର୍ଷିଥିଲେ। ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ଉନ୍ନତି ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ବିଡ଼ିଓ କିମ୍ବା ତହସିଲଦାର ଉପସ୍ଥିତ ନ ଥିବାରୁ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସହ ଏକ ମିଳିତ ପ୍ରତିନିଧି ଦଳ ଆଲୋଚନା କରିବା ପ୍ରସ୍ତାବ ରହିଛି। ଆଲୋଚନା ବେଳେ ସରପଞ୍ଚ ଓ ସମିତି ସଭ୍ୟ ସମନ୍ୱୟ କମିଟିର ୫ଜଣ ସଭ୍ୟ, ମୁନଫା ତ୍ରିପାଠୀ, ବିଜେଡି ଜିଲା ସଭାପତି ମନୋହର ରନ୍ଧାରି ଓ ପ୍ରଦୀପ ମାଝୀ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଦୀର୍ଘ ଦିନ ହେଲା ସମିତି ବୈଠକ ନ ଡକାଯିବା, ପଞ୍ଚାୟତ ସମିତିର ସମସ୍ତ ପାଣ୍ଠି ନିର୍ବାଚିତ ପ୍ରତିନିଧିଙ୍କ ଅଜାଣତରେ ଖର୍ଚ୍ଚ କରାଯିବା, ଅନ୍ୟ ବିଭାଗ ପ୍ରକଳ୍ପ ସମ୍ପର୍କରେ ପଞ୍ଚାୟତକୁ ଅବଗତ କରାଇବା, ଗୋଟିଏ ପ୍ରକଳ୍ପରେ ଦୁଇଥର ବିଲ ହେବା ବନ୍ଦ କରିବା, ଦୀର୍ଘମାସ ହେଲା ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରା ନ ଯିବା, ବିଭିନ୍ନ ଅଞ୍ଚଳର ନଳକୂପ ଅଚଳ, ବିଗତ ଦିନର ଆମ ଓଡିଶା ନବୀନ ଓଡିଶା କାମ ସରିଥିଲେ ମଧ୍ୟ ଦେୟ ପ୍ରଦାନ ନ କରିବା, ବିଗତ ଦିନରେ କିଣା ଯାଇଥିବା ଖେଳ ସାମଗ୍ରୀ ନିମ୍ନମାନର କିଣି ଟଙ୍କା ଆତ୍ମସାତ କରାଯାଇଥିବା ଆଦି ଅଭିଯୋଗ ନେଇ ଆନ୍ଦୋଳନ କରାଯାଇଥିଲା।

**ପଥିକଙ୍କୁ ପଣା, ପାଣି ବାଣ୍ଟି ପାଳିଲେ ଅକ୍ଷୟତୃତୀୟା**

ନନ୍ଦପୁର/ପାଡୁଆ,(ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)- କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତର ଦଳାଇଗୁଡା ଗ୍ରାମବାସୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଭିନବ ଉପାୟରେ ଅକ୍ଷୟ ତୃତୀୟା ପାଳନ କରିଛନ୍ତି। ନିଜ ଘରେ ଓ ଗାଁ ଠାକୁରଙ୍କ ନିକଟରେ ଅକ୍ଷୟ ତୃତୀୟା ପୂଜାର୍ଚ୍ଚନା କରି ଗ୍ରାମ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀଙ୍କୁ ଲେମ୍ବୁ ପଣା ଓ ପାଣି ପିଇବାକୁ ଦେଇ ଅକ୍ଷୟ ତୃତୀୟା ପାଳନ କରିଛନ୍ତି। ଗ୍ରାମର ହରି ଗୁଣ୍ଡା, ମାଣିକ ଖଡା, ରାମାରାଓ ଗୁଣ୍ଡା, ନୟନା ଗୁଣ୍ଡା, ଡମ୍ବାଇ ଖଡା, ଦଳିମା ଖଡା, ଗୋପୀନାଥ ଗୁଣ୍ଡା ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବାଲ୍ୟ ବିବାହମୁକ୍ତ ସଚେତନତା ଅଭିଯାନ

**ଲକ୍ଷ୍ମୀପୁର ୨୦।୪ (ଅନନ୍ତ ପ୍ରସାଦ ନାୟକ)**

ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମା ପୋଲିସ ପକ୍ଷରୁ ସୋମବାର ବାଲ୍ୟବିବାହ ସଚେତନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କାକିରିଗୁମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନେ ଦାମନଯୋଡି ଛାକଠାରୁ ଏକ ଶୋଭାଯାତ୍ରାରେ ବାହାରି ବାଲ୍ୟବିବାହ ମୁକ୍ତ ବଜାର ପରିକ୍ରମା କରିବାଲ୍ୟବିବାହମୁକ୍ତ ବାର୍ତ୍ତା ବାଣ୍ଟିଥିଲେ। କାକିରିଗୁମା ଥାନା ଅଧିକାରୀ ସୁଲୋଚନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏଏସ୍ଆଇ ଦେବୀ ପ୍ରସାଦ ପଣ୍ଡା ଏଏସ୍ଆଇ ଜିତେନ୍ଦ୍ର କୁମାର,ଏଏସ୍ଆଇ ସୁରେନ୍ଦ୍ର ବଡ୍ରିଆ ଓ ଅନ୍ୟମାନେ ପରିଚାଳନା କରିଥିଲେ ।

### ବିଳମ୍ବିତ ରାତିରେ ଗଛ ଉପୁଡ଼ି ରାସ୍ତା ଅବରୋଧ

**ନନ୍ଦପୁର, ୨୦।୪ (ତୁଷାରକାନ୍ତ ମହାନ୍ତି)**

ବର୍ଷା ଓ ପବନରେ ରବିବାର ବିଳମ୍ବିତ ରାତିରେ କୋରାପୁଟ ଜିଲା ନନ୍ଦପୁର-ହାଣ୍ଡିପୁଟ ସଂଯୋଗୀ ଏମ୍ଡିଆର ୫୫ ରାସ୍ତାର ବ୍ଲକ କାର୍ଯ୍ୟାଳୟ ଓ ଖିଲୁଆ ଛକ ମଧ୍ୟରେ ରାସ୍ତା ପାର୍ଶ୍ୱରେ ଥିବା ୨ଟି ଚାଖୁଣ୍ଡା ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ ଅଧିକାରୀ ହେମନ୍ତ ସାମଲ, ମୁଖ୍ୟ ଅଗ୍ନିଯୋଧା ଜି. ଚୀନା ରେଡ୍ଡୀ, ଅଗ୍ନିଯୋଦ୍ଧା ଥବିର ଭୋଇ, ରଞ୍ଜନ ମଲ୍ଲିକ, ପ୍ରକାଶ କିଶାନ, ଅନୟ ପ୍ରଧାନ ପହଞ୍ଚି ଉପୁଡ଼ି ପଡିଥିବା ଗଛ କାଟି ରାସ୍ତା ଉପରୁ ଅବରୋଧ ହଟାଇଥିଲେ। ପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

### ୨ ମାମଲାରେ ୩ ଗିରଫ

**କୋରାପୁଟ, ୨୦।୪( ଅମିତାଭ ବେହେରା)**

କୋରାପୁଟ ଜିଲାରେ ଧାନ ଚୋରା ଚାଲାଣ ଓ ଡକାୟତି ସଂପର୍କିତ ଦୁଇଟି ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରହିମ ଭାତ୍ରା, ଆଶେର ବାଘ ଓ ରୁହେନ ବେନ୍ୟା। ୪୦ ବସ୍ତା ଧାନ (ପ୍ରତିଟି ୫୦ କେଜି) ସହିତ ୨ଟି ବୁଲେଟ୍ ଓ ଗୋଟିଏ ଟିଭିଏସ ଜୁପିଟର ସ୍କୁଟି, ଗୋଟିଏ ସାମସଙ୍ଗ ଟାବ ଜବତ ହୋଇଛି। ଜୟପୁର ଥାନା ଅଞ୍ଚଳର ମାଛରା ଘାଟିରେ ବୋଲେରୋ ଗାଡ଼ିକୁ ଅଟକାଇ ୬୫ଟି ଧାନ ବସ୍ତା ଲୁଟ ଘଟଣାରେ ମଧ ଏହି ଅଭିଯୁକ୍ତମାନଙ୍କ ସଂପୃକ୍ତି ରହିଛି। ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ଡ୍ରାଇଭରଙ୍କୁ ଧମକ ଦେଇ ଲୁଟ୍ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କର ପୂର୍ବରୁ ଅନ୍ୟ ଡକାୟତି ଘଟଣାରେ ମଧ ସଂପୃକ୍ତି ଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ନଂ. ୭୩/୨୬ରେ ଏକ ମାମଲା ରୁଜୁହୋଇ ଅଧିକ ତଦନ୍ତ ଜାରିଥିବା ସଦର ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି।

### ତାରିଣୀ ମନ୍ଦିରର ବାର୍ଷିକୋତ୍ସବ

**ଦାମନଯୋଡ଼ି,୨୦।୪(ନରସିଂହ ବ୍ରହ୍ମା)**

ଭେଜାପୁଟସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପରିସରରେ ଥିବା ମା'ତାରିଣୀ ମନ୍ଦିରର ୧୪ତମ ବାର୍ଷିକୋତ୍ସବ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଛି। ସକାଳୁ ମା'ଙ୍କ ଦୈନନ୍ଦିନ ନୀତି ସହ ମହା ମାର୍ଜନା, ମହାସ୍ନାନ, ବେଶ, ଷୋଡ଼ଶ ଉପଚାର ପୂଜା ଓ ହୋମଯଜ୍ଞ କରାଯାଇଥିଲା। ସକାଳୁ ମରିଚମଳ ନଦୀରୁ କଳସରେ ଜଳ ଆଣି ମା'ଙ୍କ ମନ୍ଦିର ସମ୍ମୁଖରେ ସ୍ଥାପନ କରଯାଇଥିଲା। ପୂଜକ ସନ୍ତୋଷ ଦାଶ, ମାନସ ଦାଶ ଓ ଦେବେନ୍ଦ୍ର ଦାଶ ପୂଜାର୍ଚ୍ଚନା, ହୋମଯଜ୍ଞ କରିଥିଲେ। ସମୀର ମହାପାତ୍ର ଓ ତାଙ୍କ ସ୍ତ୍ରୀ ସୁକାନ୍ତି ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ପିତାଗୁଡା ପଞ୍ଚାୟତରେ ଅଭିଯୋଗ ଶୁଣାଣି

**ସୁନାବେଡା/ସେମିଳିଗୁଡ଼ା,୨୦।୪ (କୃତ୍ତିବାସ ପ୍ରଧାନ,ବାସୁଦେବ ବରାଡ଼)**

ସେମିଳିଗୁଡା ବ୍ଲକ ପିତାଗୁଡା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବିଏସଏସ୍ଓ ଟି ସୁରଭିଙ୍କ ଅଧକ୍ଷତା କରିଥିଲେ। ୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ଚେକଡ୍ୟାମ ନିର୍ମାଣ, ଗ୍ରାମାଞ୍ଚଳ ଗୃହ ଏବଂ ପଞ୍ଚାୟତରେ ଖାଲି ପଡ଼ିଥିବା ସରପଞ୍ଚ ପଦ ପୂରଣ ଆଦି ସମସ୍ୟାମୂଳକ ଅଭିଯୋଗ ରହିଥିଲା। ଏବିଡ଼ିଓ ବସନ୍ତ ବେହେରା, ସହକାରୀ ଯନ୍ତ୍ରୀ ବିସ୍ମିତା ନାୟକ, ପିଇଓ ଡମ୍ବରୁ ପାଙ୍ଗି, ସମିତିସଭ୍ୟ ସୁନ୍ଦର କୁଲଦୀପଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତରେ ଚେକ ଡ୍ୟାମ ନିର୍ମାଣ, ୨ଟି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, କୂଅ ମରାମତ,ଗ୍ରାମାଞ୍ଚଳ ଗୃହ ନିର୍ମାଣ ନେଇ ଅଭିଯୋଗ ରହିଥିଲା।

# ଜବରଦଖଲ ପ୍ରକ୍ରିୟାକୁ ବିରୋଧ, ପ୍ରତିବାଦରେ ରାସ୍ତାରୋକୋ

**ଜୟପୁର, ୨୦।୪(ପବନ ପାଣିଗ୍ରାହୀ)**



ଗ୍ରାମବାସୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ଜୟପୁର ସହର ଖ୍ରିଷ୍ଟିଆନପେଟା କୋର୍ଟ ରାସ୍ତା ଜବରଦଖଲ ହୋଇଛି । ଏହାକୁ ଜବରଦଖଲମୁକ୍ତ କରି କୋର୍ଟକୁ ହସ୍ତାନ୍ତର କରିବାକୁ ଜୟପୁର ପୌର ପାଳିକାକୁ ନିର୍ଦ୍ଦେଶ ହୋଇଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ଜୟପୁର ପୌର ପାଳିକା ଓ ତହସିଲ ପ୍ରଶାସନ ମ୍ୟାପ ଅନୁସାରେ ସୋମବାର ମାପଚୁପ ଆରମ୍ଭ କରାଯାଇଛି। ଏନେଇ ସୂଚନା ପାଇ କାଉନସିଲର ପ୍ରଣବ ପ୍ରକାଶ ନାୟକଙ୍କ ନେତୃତ୍ୱରେ ବସ୍ତି ବାସିନ୍ଦା ଏକାଠି ହୋଇ କୋର୍ଟ ରାସ୍ତାକୁ ଅବରୋଧ କରିଥିଲେ। ତହିଲଦାର ସବ୍ୟସାଚି ଜେନା, ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପହଞ୍ଚି ଦୀର୍ଘ ୨ ଘଣ୍ଟା ଧରି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ତେବେ ସୋମବାର ମାପଚୁପ ହୋଇଛି। ନୋଟିସ ଦେବା ପରେ ଉଚ୍ଛେଦ କରାଯିବ ବୋଲି ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ବନ୍ଦ ରହିଥିବା ଉଚ୍ଛେଦ ପ୍ରକ୍ରିୟା ମାପଚୁପ ପୁଣି ଆରମଭ ହୋଇଥିଲା।

ସ୍ଥାନୀୟ ବସାଦିଙ୍କ ଅଭିଯୋଗ କରିଛନ୍ତି ଯେ, ୩ ପୁରୁଷ ଧରି ଉକ୍ତ ସ୍ଥାନରେ ସେମାନେ ଘର କରି ରହି ଆସୁଛନ୍ତି। ଏବେ ଉଚ୍ଛେଦ କଲେ ଆମେ ଯିବୁ କୁଆଡେ ବୋଲି ପ୍ରଶ୍ନ ଉଠାଇଥିଲେ। ପ୍ରଥମେ ଥଇଥାନ କରାଯାଇ ପରେ ଉଚ୍ଛେଦ କରାଯାଉ ବୋଲି ଦାବି କରି ନିଜ ଜିଦରେ ଅଟଳ ରହିଥିଲେ । ଅନ୍ୟପକ୍ଷରେ ପ୍ରଶାସନର ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରି ଏଠାରେ ଉଭୟ ପାର୍ଶ୍ୱରେ ପ୍ରାୟ ୪୫ଟି ଘର ରହିଛି। ଜଣେ କିମ୍ବା ୨ ଜଣକୁ ଛାଡ ଦେଲେ କାହାର ମଧ ପଟ୍ଟା ନାହିଁ। କୋର୍ଟ

**ଲୋକଙ୍କ ଜବରଦଖଲରେ କୋର୍ଟ ଜମି**

ଜମିରେ ଜବଦ ଦଖଲକରି ଲୋକେ ୨ ମହଲା କୋଠା ନିର୍ମାଣ କରିଛନ୍ତି। ଆଗରୁ ମାପଚୁପ କରାଯାଇ ସେମାନଙ୍କୁ ନୋଟିସ କରାଯାଇଥିଲା । ମ୍ୟାପ୍ ଅନୁଯାୟୀ ମାପଚୁପ କରାଯିବ କାହାର ୧୦ ଫୁଟ, ୧୨ ଫୁଟ ଉଚ୍ଛେଦ ହେବ। କୋର୍ଟ ନାମରେ ଜମି ରହିଥିବାରୁ ଏହା ଜବରଦଖଲ ହୋଇଛି। ଏହାକୁ ଉଚ୍ଛେଦ କରି କୋର୍ଟକୁ ହସ୍ତାନ୍ତର କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ବହୁ ବୁଝାଶୁଝା ପରେ ମାପଚୁପ ପୁଣି ଆରମ୍ଭ ହୋଇଥିଲା। ମାପଚୁପ ସମୟରେ ରାଜସ୍ୱ ସୁପର ଭାଇଜର ହରିହର ଶତପଥୀ, ଅମିନ ଶୁଭସ୍ମିତା ଜେନା, ଅଭିନାଶ ସାନ୍ତ୍ରାପାତ୍ର , ପରିମଳ ନିରୀକ୍ଷକ ସତ୍ୟ ନାରାୟଣ ପାତ୍ର, ଟାଉନ ଥାନା ପୋଲିସ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦାୟିତ୍ୱରୁ ହଟିଲେ ପ୍ରଧାନ ଶିକ୍ଷୟିତ୍ରୀ

**ସୁନାବେଡା/ସେମିଳିଗୁଡ଼ା,୨୦।୪ (କୃତ୍ତିବାସ ପ୍ରଧାନ,ବାସୁଦେବ ବରାଡ଼)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ମାଳିମାର୍ଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗଭିତ୍ତିକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଇତିଶ୍ରୀ ଓଝାଙ୍କୁ ହଟାଇ ଦେଇଛି। କାର୍ଯ୍ୟରେ ଅବହେଳା ଓ ପରିଚାଳନାରେ ତ୍ରୁଟି ନେଇ ତାଙ୍କ ବିରୋଧରେ ଅଭିଯୋଗ ହେବା ପରେ ଏହାର ଅନୁଧ୍ୟାନ କରି ଜିଲା ଶିକ୍ଷା ବିଭାଗ ଏପରି ପଦକ୍ଷେପ ଗ୍ରହଣ କରିଛି । ଇତିଶ୍ରୀଙ୍କୁ ଦାୟିତ୍ୱରୁ ହଟାଇ ତାଙ୍କ ସ୍ଥାନରେ ବିଦ୍ୟାଳୟର ସହକାରୀ ଶିକ୍ଷକ ପଞ୍ଚାନନ ଦାସଙ୍କୁ ନୂତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

ପ୍ରକାଶଯେ, ଉକ୍ତ ବିଦ୍ୟାଳୟର ମଧାହ୍ନ ଭୋଜନ କାର୍ଯ୍ୟକ୍ରମରେ ଅନିୟମିତତା, ହଷ୍ଟେଲ ପରିଚାଳନାରେ ଅବହେଳା ସହ ମଧାହ୍ନ ଭୋଜନ ଚାଉଳ ହେରଫେର୍ ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଗତ ୧୩।୪।୨୬ରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାକୁ ଗୁରୁତ୍ୱ ଦେଇ ସେମିଳିଗୁଡ଼ା ବିଇଓ ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତ ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଓଝାଙ୍କ ବିରୋଧରେ ଅନେକ ପ୍ରମାଣ ତଦନ୍ତକାରୀ ଅଧିକାରୀଙ୍କ ହସ୍ତଗତ ହୋଇଥିଲା। ଏହାକୁ ନେଇ ସେ ଶିକ୍ଷୟିତ୍ରୀଙ୍କୁ ଓ ନିର୍ଦ୍ଦିଷ୍ଟ ଏକଏସଏଚ୍ଜିକୁ ଦାୟିତ୍ୱରୁ ହଟାଇବାକୁ ସୁପାରିସ କରିଥିଲେ। ଉକ୍ତ ରିପୋର୍ଟକୁ ଭିତ୍ତିକରି ଡିଇଓ ତାଙ୍କ ଚିଠି ସଂଖ୍ୟା ୨୪୮୦ରେ ଉପରୋକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ନୂତନ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଦାୟିତ୍ୱ ଗ୍ରହଣ କରି ବିଦ୍ୟାଳୟର ଶୃଙ୍ଖଳା ଫେରାଇ ଆଣିବାକୁ ଚିଠିରେ ଉଲ୍ଲେଖ ରହିଛି।

**ମାଳିମାର୍ଲା ବିଦ୍ୟାଳୟର ସମସ୍ୟା ଘଟଣା**

# କୋଟପାଡ଼ରେ ଜିଲାସ୍ତରୀୟ କୃଷକ ଦିବସ

**ଅକ୍ଷୟତୃତୀୟାରେ ଅଖି ମୁଠି ପ୍ରଦାନ**

**କୋଟପାଡ଼,୨୦।୪ (କେ. ରାଜଶେଖର ରାଓ )**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କୋରାପୁଟ ଜିଲା କୋଟପାଡ଼ସ୍ଥିତ ସରକାରୀ କୃଷି ଫାର୍ମଠାରେ ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ୍ୱାମବାର ପାଳିତ ହେଇସ୍ଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲା କୃଷି ବିଭାଗ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ରୁପୁ ଭତରା, ସମ୍ମାନିତ ଅତିଥି ରୂପେ କୋରାପୁଟ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଏମ୍ପି ପ୍ରତିନିଧି ରାମେଶ୍ୱର ଜେନା, ବ୍ଲକ ଅଧକ୍ଷା କମଳା ଭତରା, ଜୟପୁର ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି ଉପସ୍ଥିତିରେ ଅଖି ମୁଠି ଅନୁକୂଳ ସକାଶେ ପୂଜାର୍ଚ୍ଚନା ହୋଇଥିଲା। ପରେ ଉପସ୍ଥିତ ଜିଲା କୃଷି ଅଧିକାରୀଙ୍କ ସହାୟତାରେ ବିଧାୟକ କୃଷି ଫାର୍ମରେ ଧାନ ବିହନ ବିଛାଇ ଅଖିମୁଠି ଅନୁକୂଳ କରିଥିଲେ। ଉପସ୍ଥିତ କୃଷକଙ୍କୁ ବିହନ ବଣ୍ଟନ କରାଯାଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ନରେଶ ଚନ୍ଦ୍ର ଶବର, ଏଡିଆର ପର୍ଶୁରାମ ସିଆଲ, ପିଡି ଶିବ ଚରଣ ଜେଟି, ଚିଫ ଡେପୁଟି ଡାଇରେକ୍ଟର ପ୍ରମୋଦ ବେହେରା, କୋରାପୁଟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ଦାସ, ଜିଲା କଫି ବୋର୍ଡ ଅଧିକାରୀ ଭବାନୀ ମହାପାତ୍ର, ହେମନ୍ତ ପ୍ରଧାନ, ଜୟପୁର ଏଡିଓ ଲୋଳିତେନ୍ଦୁ ମହାପାତ୍ର, ନନ୍ଦପୁରର ସୁଜାତା ନିଶାଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ କୃଷକ ରଥ ଉଦ୍‌ଘାଟିତ ହେଇଥିଲା। ସିଏମ କିଷାନ ଯୋଜନାରେ ୮୯୯୦୭ ଚାଷୀଙ୍କୁ ୧୭ କୋଟି ୯୮ ଲକ୍ଷ ୧୪ ହିଜର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ଜିଲା କୃଷି ଅଧିକାରୀ ପ୍ରକାଶ କରିଛନ୍ତି ।

## ରଥ ନିର୍ମାଣ ଶୁଭାରମ୍ଭ ନୂତନ ଢାଞ୍ଚାରେ ନୂତନ ରଥ ନିର୍ମାଣ ହେବ

**ଜୟପୁର, ୨୦।୪(ପବନ ପାଣିଗ୍ରାହୀ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର ଜୟପୁର ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପାରମ୍ପରିକ ଭାବେ ରଥ ନିର୍ମାଣ ଶୁଭାରମ୍ଭ ସହ ପୂଜାପାଠ, ଆଳିତି କରାଯାଇ ରଥକାଠ ଅନୁକୂଳ କରାଯାଇଛି। ଜୟପୁର ରଘୁନାଥ ମନ୍ଦିର ନିକଟରେ ରଥ କାଠକୁ ପୂଜା କରାଯାଇ ଅନୁକୁଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଜେ ଜୟପୁର ଦେବୋତ୍ତର ବିଭାଗ ସମସ୍ତ ବ୍ୟବସ୍ଥା କରିଥିଲା। ଏହି ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ତହସିଲଦାର ସବ୍ୟସାଚି ଜେନା, ଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଡମ୍ବରୁଧର ପଣ୍ଡା, ଜଗନ୍ନାଥ ତ୍ରିପାଠୀ, ପରିଛା ସିଦ୍ଧେଶ୍ୱର ଦାସ ସମସ୍ତ ନୀତିକାନ୍ତି ତୁଲାଇଥିଲେ । ନୂତନ ଢାଞ୍ଚାରେ ଚଳିତବର୍ଷ ନୂତନ ରଥ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି ।

# ବେଡଶିଟ୍ ଚୋରି ମାମଲାରେ ୩ ଗିରଫ

**କୋରାପୁଟ, ୨୦।୪( ଅମିତାଭ ବେହେରା)**

କୋରାପୁଟ ସଦର ଥାନା ପୋଲିସ ଏକ ଚୋରି ମାମଲାରେ ସୋମବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୈତାରୀ ଗୌଡ, ରାଜ କିଶୋର ରାଉତ ଓ ପୂର୍ଣ୍ଣ ଚାପଡି। ମାମଲା ନଂ. ୭୮/୨୬ରେ ନିସାର ଅଲିଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୨ଟି ବେଡଶିଟ୍, ଗୋଟିଏ ବାଇକ (ନଂ-ୟୁପି-୨୧-ବିବି-୩୯୫୭), ୨୧୦୦ ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ ହୋଇଛି। ନିସାର ଅଲି (୨୮) ଓ ତାଙ୍କ ସାଙ୍ଗ ସାହିଦ ଅଲି ବିଭିନ୍ନ ଗାଁରେ ବେଡସିଟ ବିକ୍ରି କରି ଫେରୁଥିବା ବେଳେ ଉପରୋକ୍ତ ୩ ଅଭିଯୁକ୍ତ ସେମାନଙ୍କ ବାଇକ୍ ଅଟକାଇ ଲାଠିରେ ଆକ୍ରମଣ କରି ଦୁଇଟି ମୋବାଇଲ, ୧୫ଟି ବେଡଶିଟ, ୨୧୦୦ ଟଙ୍କା ସହ ବାଇକ୍ ଧରି ଫେରାର ହୋଇଯାଇଥିଲେ। ସେମାନଙ୍କ ଆକ୍ରମଣରେ ନିଶାର ଓ ସାହିଦ ଗୁରୁତର ହୋଇଥିଲେ। ଏନେଇ ଅଭିଯୋଗ ପରେ ଏଏସ୍ଆଇ ଅର୍ଜୁନ ଖୋରା ଏହାର ତଦନ୍ତ କରି ଏଥିରେ ତିନି ଜଣଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କରାଯାଇଥିବା ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି।

## ଶାବର ଶ୍ରୀକ୍ଷେତ୍ର, ବିଲାପୁଟ ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ

**କୋରାପୁଟ, ୨୦।୪(ଅମିତାଭ ବେହେରା)**

କୋରାପୁଟ ସ୍ଥିତ ଶାବର ଶ୍ରୀକ୍ଷେତ୍ର ଓ ବିଲାପୁଟ ଗ୍ରାମ ଜଗନ୍ନାଥ ମନ୍ଦିରରେ ସୋମବାର ପବିତ୍ର ଅକ୍ଷୟ ତୃତୀୟାରେ ରଥଖଳାଠାରେ ରଥକାଠ ଅନୁକୂଳ ହୋଇଛି। କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିରର ଗାୟତ୍ରୀ ମନ୍ଦିର ପରିସରରେ କମିଟି ଭାରପ୍ରାପ୍ତ ସମ୍ପାଦକ ଭବାନୀ ଆଚାର୍ଯ୍ୟ, ପୂର୍ବତନ ସମ୍ପାଦକ ଡ. ଜଗବନ୍ଧୁ ସାମଲଙ୍କ ସମେତ ଅନ୍ୟ ସଦସ୍ୟ, ମୁଖ୍ୟ ପୂଜାରୀ ଓ ରଥର ମୁଖ୍ୟ ବିଶ୍ୱକର୍ମା ଉପସ୍ଥିତ ରହି ପୂଜାର୍ଚ୍ଚନା ପରେ ୩ ରଥ ପାଇଁ ୩ ଖଣ୍ଡ କାଠର ଅନୁକୂଳ କରିଥିଲେ। ସେହିପରି ଜିଲାର ସେମିଳିଗୁଡା ବ୍ଲକର ବିଲାପୁଟ ଗ୍ରାମ ଉପକଣ୍ଠରେ ଅକ୍ଷୟ ତୃତୀୟା ତିଥିରେ ଅକ୍ଷିମୁଠି ଅନୁକୂଳ ଗ୍ରାମ ନାୟକ ତଥା ଶ୍ରୀଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପରିଚାଳନା ସଭାପତି ନାରାୟଣ ପ୍ରଧାନି ଅନୁକୂଳ କରିଥିଲେ। ଏଥିସହ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ କାଠ ଅନୁକୂଳ ହୋଇଥିଲା। ଏଥିରେ ମୁଖ୍ୟ ସଂପାଦକ ଲଳିତ ମୋହନ ପଟ୍ଟନାୟକ, ପରିଚାଳନା ସଂପାଦକ ବିଶ୍ୱନାଥ ପ୍ରଧାନ, ଉପସଭାପତି ସୁନାକର ରାଉତ କର୍ମକର୍ତ୍ତା ବୁଦ୍ଧୁ ମାଝୀ, ଲକ୍ଷ୍ମଣ ପ୍ରଧାନି, ସୁକାନ୍ତ ପ୍ରଧାନ, ସୋନୁ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅକ୍ଷୟତୃତୀୟା ଅବସରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ

**ଜୟପୁର, ୨୦।୪(ପବନ ପାଣିଗ୍ରାହୀ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ବେଶ ହୋଇଥିଲା। ଅକ୍ଷୟ ତୃତୀୟାରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ପ୍ରବାଦ ରହିଛି । ଶ୍ରୀଜୀଉଙ୍କ ବେଶ ଦେଖିବାକୁ ମନ୍ଦିରର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଏଥିସହ ବଲ୍ଲଭ ନାରାୟଣଙ୍କୁ ମଧ ସ୍ୱତନ୍ତ୍ର ବେଶ କରାଯାଇଛି। କଣ୍ଡରାସାହିସ୍ଥିତ ଲକ୍ଷ୍ମୀ ନୃସିଂହ ମଧ ସ୍ୱତନ୍ତ୍ରବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏନେଇ ଠାକୁରଙ୍କ ରହିଥିବା ନୀତିକାନ୍ତି ସହ ଆଳତି, ଭୋଗ ଲାଗି କରାଯାଇଛି । ଲକ୍ଷ୍ମୀ, ଲକ୍ଷ୍ମୀନୃସିଂହଙ୍କୁ ୧୩ ଦିନ ଚନ୍ଦନ ଲାଗି ବେଶରେ ସଜ୍ଜିତ କରାଯିବ। ଏହି ବେଶରେ ପ୍ରଭୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ବୋଲି ପୁରୋହିତ ସୁନିଲ ଆଚାର୍ଯ୍ୟ କହିଛନ୍ତି। ଏଠାରେ ୧୩ ଦିନ ଧରି ବିଭିନ୍ନ ଫଳ ଭୋଗ ଲାଗି କରାଯିବ ।

## ଆନ୍ଧ୍ର ଯାଉଥିବା ଗୋରୁ ବୋଝେଇ କଣ୍ଟେନର ଜବତ



ଜବତ ଗୋରୁ ବୋଝେଇ ଗାଡି ।

**ନନ୍ଦପୁର/ପାଡୁଆ ୨୦।୪ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

- କଣ୍ଟେନରରେ ଥିବା ୭୦ ଗୋରୁରୁ ଗୋଟିଏ ମୃତ, ଗୋଟିଏ ଅସୁସ୍ଥ
- ଚିକିତ୍ସା ପାଇଁ ପହଞ୍ଚିଛନ୍ତି ଭ୍ରାମ୍ୟମାଣ ଚିକିତ୍ସା ଟିମ୍

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାକୁ ଲାଗିଥିବା ଚାଟୁଆ ପଞ୍ଚାୟତ ସଦରରୁ ୭୦ରୁ ଊର୍ଦ୍ଧ୍ୱ ଗୋରୁ ବୋଝେଇ ଏକ କଣ୍ଟେନର ସୋମବାର ଜବତ ହୋଇଛି। କଣ୍ଟେନରର ୨ ଥାକରେ ଏହି ଗୋରୁଙ୍କୁ ନେଇ କଣ୍ଟେନରଟି ଆନ୍ଧ୍ର ଅଭିମୁଖେ ଯାଉଥିଲା। ସୀମାନ୍ତ ଫାଟକ ଡେଇଁବା ପୂର୍ବରୁ ସ୍ଥାନୀୟ ଲୋକେ କଣ୍ଟେନରକୁ ଅଟକାଇ ପାଡୁଆ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଆସିବା ପୂର୍ବରୁ ଟ୍ରକ ଚାଳକ ଓ ସହାୟକ ଫେରାର ହୋଇଯିବାରେ ସମସର୍ଥ ହୋଇଥିଲେ। କଣ୍ଟେନର ଯାଞ୍ଚ ବେଳେ ସେଥିରେ ଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ବଳଦ ମରି ଯାଇଥିବା ଏବଂ ଗୋଟିଏ ଗାଈ ଗୁରୁତର ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ କଣ୍ଟେନରରେ ଥିବା ସମସ୍ତ ଗୋରୁଙ୍କୁ ଯତ୍ନର ସହକାରେ ରଖିବେ ବୋଲି ନେଇ ଯାଇଥିଲେ। ସୂଚନା ପାଇ ନନ୍ଦପୁର ବ୍ଲକ ପ୍ରାଣୀଧନ ଅଧିକାରୀ ଡା ଯଶବନ୍ତ କୁମୁଟିଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଚିକିତ୍ସା ଦଳ ଚାଟୁଆ ଅଭିମୁଖେ ଯାଇଥିବା ଜଣାପଡିଛି। ପାଡୁଆ ପୋଲିସ କଣ୍ଟେନରକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଅଶୋକ ବିଶୋୟୀ କହିଛନ୍ତି।

# ୮୯, ୯୦୭ ଚାଷୀଙ୍କୁ 'ସିଏମ୍ କିଷାନ' ସହାୟତା

**କୋରାପୁଟ, ୨୦।୪ ( ଅମିତାଭ ବେହେରା)**

ଏହି ଅବସରରେ ଖରିଫ ୨୦୨୬ ଋତୁ ପାଇଁ 'ସିଏମ କିଷାନ' ଯୋଜନାର ପ୍ରଥମ କିସ୍ତିଅନୁସାରେ କୋରାପୁଟ ଜିଲାର ୧୪ଟି ବ୍ଲକର ମୋଟ ୮୯,୯୦୭ ଜଣ ଛୋଟ ଓ ସୀମାନ୍ତ ଚାଷୀଙ୍କୁ ୧୭ କୋଟି ୯୮ ଲକ୍ଷ ୧୪ ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯଯାଇଛି। କୋଟପାଡ଼ଠାରେ ଆୟୋଜିତ ଜିଲାସ୍ତରୀୟ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଏଡିଏମ, ଜିଲା ପରିଷଦ ଅଧକ୍ଷା ପ୍ରମୁଖ ଯୋଗଦେଇ ସିଏମ କିଷାନ ଯୋଜନାର କିସ୍ତି ପ୍ରଦାନ କରିଥିଲେ। କୋରାପୁଟ ଜିଲାରେ ବ୍ଲକଭିତ୍ତିକ ତଥ୍ୟ ଅନୁଯାୟୀ କୋଟପାଡ଼ ବ୍ଲକରେ ସର୍ବାଧିକ ୯,୬୧୪ ଜଣ ଚାଷୀଙ୍କୁ ୧ କୋଟି ୯୨ ଲକ୍ଷ ୨୮ ହଜାର ଟଙ୍କା ସହାୟତା ମିଳିଛି । ସେହିପରି ବୋରିଗୁମ୍ମା ବ୍ଲକରେ ୯,୫୯୯ ଜଣଙ୍କୁ ୧ କୋଟି ୯୧ ଲକ୍ଷ ୯୮ ହଜାର ଟଙ୍କା, ଲମତାପୁଟରେ ୭,୮୩୧ ଜଣଙ୍କୁ ୧ କୋଟି ୫୬ ଲକ୍ଷ ୬୨ ହଜାର ଟଙ୍କା ଏବଂ ନନ୍ଦପୁର ଓ ସେମିଳିଗୁଡ଼ା ବ୍ଲକରେ ମଧ ୧ କୋଟିରୁ ଅଧିକ ସହାୟତା ରାଶି ବଣ୍ଟନ କରାଯାଇଛି। ଅନ୍ୟପଟେ କୁନ୍ଦୁରା ଓ ନାରାୟଣପଟ୍ଟଣା ବ୍ଲକରେ ଯଥାକ୍ରମେ ୩,୯୩୧ ଓ ୩,୯୩୫ ଜଣ ଚାଷୀଙ୍କୁ ପ୍ରାୟ ୭୮ ଲକ୍ଷ ଟଙ୍କା ସହାୟତା ମିଳିଥିବା ଜଣାପଡିଛି।

## ୩୬ ଅଭିଯୋଗ ଶୁଣିଲେ ଜିଲାପାଳ

**ବନ୍ଧୁଗାଁ:୨୦।୪ (ବେଣୁଧର ଲାବାଲା)**– ବନ୍ଧୁଗାଁ ବ୍ଲକ ସଭା ଗୃହରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ୩୬ଟି ଅଭିଯୋଗ ଶୁଣାଣି କରଛନ୍ତି। ସେଥି ମଧ୍ୟରେ ଗୋଷ୍ଠିଗତ ୧୯ଟି ଓ ବ୍ୟକ୍ତିଗତ ୧୭ଟି ଅଭିଯୋଗ ରହିଥିଲା। ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ମିନତି ଜଗଦେବଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସଡ଼କ, ବ୍ରିଜ, କଲଭର୍ଟ, ସ୍କୁଲ ବସ୍, ଆଶ୍ରମ ବିଦ୍ୟାଳୟରେ ସିଟ୍ ଅଭାବ, ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ପ୍ରମାଣ ପତ୍ର ଓ ବାର୍ଷିକ ରୋଜଗାର ପ୍ରମାଣ ପତ୍ର ସମ୍ପର୍କିତ ଅଭିଯୋଗମାନ ରହିଥିଲା। ଉପ ଜିଲାପାଳ ପ୍ରେମ ଲାଲ ହିଆଲ, ପିଏ ଆଇଟିଡିଏ ସ୍ନେହପ୍ରଭା ମାଝୀ, ସିଡିଓ ବେଣୁଧର ଶବର, ଡିଏଫଓ କେଭି ଭାସ୍କର ରାଓ, ଡିପିଓ ଯୁଗଳ କିଶୋର ନାୟକ, ଜିଲା ଶିଶୁ ବିଭାଗ ଅଧିକାରୀ ପୁଷ୍ପାଞ୍ଜଳି ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ,ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଇ, ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ, ଡିଏସଏସଓ ତରୁଣ ତପନ ପ୍ରହରାଜ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଏଡିଓ ସନ୍ତୋଷ ଦଳବେହେରା, ବିଏଓ ସୂର୍ଯ୍ୟକାନ୍ତ ନାହାକ, ଆରଡି ଯନ୍ତ୍ରୀ ରଞ୍ଜିତ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା ରଶ୍ମି ରଞ୍ଜନ ସାମଲ, ବନ୍ଧୁଗାଁ ଆଇଆଇସି ସିନ୍ଧୁ ସାରାକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି ।

# ସରପଞ୍ଚ ନିଯୁକ୍ତିରେ ବିଳମ୍ବକୁ ନେଇ ଅସନ୍ତୋଷ

**କାର୍ଯ୍ୟକାରୀ ହେଉନି ଉପ ଜିଲାପାଳଙ୍କ ନିର୍ଦ୍ଦେଶ**

**ସୁନାବେଡା/ସେମିଳିଗୁଡ଼ା,୨୦।୪ (କୃତ୍ତିବାସ ପ୍ରଧାନ,ବାସୁଦେବ ବରାଡ଼)**



ସରପଞ୍ଚ ଦାୟିତ୍ୱ ପ୍ରଦାନ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅଧୀନ ପିତାଗୁଡା ପଞ୍ଚାୟତର ସରପଞ୍ଚ ପଦ୍ମା କାନ୍ଧୁଲଫୁଲଙ୍କ ସରପଞ୍ଚ ପଦ ରଦ୍ଦ ପରେ ନୂତନ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣକୁ ନେଇ ପ୍ରଶାସନିକ ସ୍ତରରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଜନ ଶୁଣାଣି ଶିବିରରେ ଏନେଇ ଅଭିଯୋଗ ହୋଇଛି। ଏପରି ବିଳମ୍ବ ହେତୁ ୱାର୍ଡ ମେମ୍ବର ସମାରୁ ହନ୍ତାଳ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଖବରରୁ ଜଣାପଡିଛି, ପୂର୍ବତନ ସରପଞ୍ଚ ପଦ୍ମାଙ୍କୁ ଅଦାଲତ ମାମଲା ନଂ. ୨/୨୦୨୩ ଆଧାରରେ ଗତ ୧୩ ଡିସେମ୍ବର ୨୦୨୫ରେ ଅସିଦ୍ଧ ଘୋଷଣା କରି ତାଙ୍କୁ ପଦରୁ ଅପସାରଣ କରାଯାଇଥିଲା। ପରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯେପରି ବାଧା ସୃଷ୍ଟି ନହେବ ଏହାକୁ ଗୁରୁତ୍ୱ ଦେଇ କୋରାପୁଟ ଉପଜିଲାପାଳ ପଞ୍ଚାୟତ କାର୍ଯ୍ୟ ପରିଚାଳନା ପାଇଁ ନୂତନ ସରପଞ୍ଚ ନିଯୁକ୍ତି ପାଇଁ ଉପଜିଲାପାଳ ଚିଠି ସଂଖ୍ୟା ୨୭୯୫/ ୨୦।୩।୨୦୨୬ରେ ସ୍ଥାନୀୟ ୱାର୍ଡ ମେମ୍ବରଙ୍କୁ ଦାୟିତ୍ୱ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଯାଏ ସରପଞ୍ଚ ନିଯୁକ୍ତି ହୋଇନାହାନ୍ତି। ଦୀର୍ଘ ଦିନ ହେବ ସରପଞ୍ଚ ନ ଥିବାରୁ ତାଙ୍କ ସାକ୍ଷର ବିନା ସ୍କୁଲ ପିଲାଙ୍କ ଆଡମିଶନରେ ବାଧା ଉପୁଜୁଛି। ସାଧାରଣ ଲୋକେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସେମାନେ ସେମିଳିଗୁଡ଼ା ବିଡିଓଙ୍କୁ ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନୂତନ ସରପଞ୍ଚ ନିଯୁକ୍ତି ଦେଇ ତାଙ୍କୁ ଦାୟିତ୍ୱ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଅଭିଯୋଗ ପତ୍ରରେ ୱାର୍ଡ ମେମ୍ବର ସୁନି ମୁଦୁଲି, ମୀନା ପୂଜାରୀ, ସାବିତ୍ରୀ ଖରାଙ୍କ ସମେତ ସ୍ଥାନୀୟ ବାସିନ୍ଦା ରଘୁରାମ କାଡ୍ରିଆ, ପ୍ରଦୀପ ନାୟକ, କୁମୁଦ ନାୟକ ସ୍ୱାକ୍ଷର କରିଛନ୍ତି। ଏନେଇ ସେମିଳିଗୁଡା ବିଡିଓ ଯସ୍ମୀନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ନିଶ୍ଚିତ ରୂପେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ସମସ୍ୟାର ଶୀଘ୍ର ସମାଧାନ କରାଯିବ।

